## ଡଙ୍ଗା ଓଲଟି ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟଣା

# ବାରଣ ସତ୍ତ୍ୱେ ସମୁଦ୍ରକୁ ଯାଇଥିବା ଡଙ୍ଗାର ଲାଇସେନ୍ସ ବାତିଲ

ଛତ୍ରପୁର, ୨୯ ।୮ (ସମିସ)



ଗୁରୁବାର ଗଞ୍ଜାମ ବ୍ଲକ ପୋଡ଼ମପେଟା ସମୁଦ୍ରରେ ଉଚ୍ଚ ଜୁଆର ମାଡ଼ରେ ଡଙ୍ଗା ଓଲଟିବା ସହ ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୬ଜଣ ଅଳ୍ପକେ ବର୍ତ୍ତି ଯାଇଥିଲେ। ରାଜ୍ୟରେ ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ପୂର୍ବରୁ କୁହାଯାଇଥିଲା। ଯାହାଫଳରେ ସମୁଦ୍ର ଅଶାନ୍ତ ରହିବ ତେଣୁ ଚଳିତ ମାସ ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ କୌଣସି ମତ୍ସ୍ୟଜୀବୀ ମାଛ ଧରିବାକୁ ଯିବେ ନାହିଁ ବୋଲି ଏସ୍ଆର୍‌ସି ପକ୍ଷରୁ ସବୁ ଜିଲ୍ଲାର ମତ୍ସ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯିବା ସହ ଚିଠି ମଧ୍ୟ କରାଯାଇଥିଲା। ଚିଠିକୁ ଆଧାର କରି ଛତ୍ରପୁର ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ସଚେତନତା କରାଯିବା ସହ ସମୁଦ୍ରକୁ ଡଙ୍ଗା ଧରି ମାଛ ଧରିବା ପାଇଁ ବାରଣ କରିଥିଲେ ବୋଲି ଛତ୍ରପୁର ଅତିରିକ୍ତ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ସୁବ୍ରତ ପଟ୍ଟନାୟକ କହିଛନ୍ତି। ପ୍ରଶାସନର ତାଗିଦ ସତ୍ତ୍ୱେ ବେଆଇନ ଭାବେ ସମୁଦ୍ରକୁ ମାଛ ଧରିବା ପାଇଁ ଯିବାବେଳେ ଲହଡି ମାଡରେ ଡଙ୍ଗା ଓଲଟି ପଡ଼ିଥିଲା, ଯେଉଁଥିରେ ଜଣକ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୬ଜଣ ଅଳ୍ପକେ ବର୍ତ୍ତି ଯାଇଥିଲେ। ଘଟଣାକୁ ନେଇ ଗଞ୍ଜାମ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଯେଉଁ ଡଙ୍ଗାରେ ସେମାନେ ଯାଇଥିଲେ ଉକ୍ତ ଡଙ୍ଗାର ଲାଇସେନ୍ସ ବାତିଲ କରାଯାଇଛି। ନୋଳିଆ ନୂଆଗାଁର ପି.ଏରେୟାଙ୍କ ନାମରେ ଏହି ଡଙ୍ଗାର ଲାଇସେନ୍ସ ଥିବା ଜଣାପଡ଼ିଛି। ଏପରିକି ତାଙ୍କ ନାମରେ ଥାନାରେ ଏତଲା ଦେବାକୁ ମଧ୍ୟ ଜିଲ୍ଲାପାଳ ଭି.କିର୍ତ୍ତି ଭାସନ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ମୃତ ମତ୍ସ୍ୟଜୀବୀଙ୍କ ପରିବାରକୁ ଗୋଷ୍ଠୀ ଦୁର୍ଘଟଣା ବୀମା ଯୋଜନାରେ ସହାୟତା ରାଶି ମିଳିବ ବୋଲି ଛତ୍ରପୁର ଅତିରିକ୍ତ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ସୁବ୍ରତ ପଟ୍ଟନାୟକ କହିଥିଲେ। ସୂଚନା ଥାଉକି ଗୁରୁବାର ନୋଳିଆ ନୂଆଗାଁରୁ ଏକ ଡଙ୍ଗା ଯୋଗେ ୭ଜଣ ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ସମୁଦ୍ରକୁ ଯାଉଥିବା ବେଳେ ପୋଡ଼ମପେଟା ନିକଟରେ ଉଚ୍ଚ ଲହଡ଼ି ମାଡ଼ରେ ଡଙ୍ଗାଟି ଓଲଟି ପଡ଼ିଥିଲା। ସେଥିରେ ଏଙ୍ଗ କାଲେୟା ନିଖୋଜ ହୋଇଥିବା ବେଳେ ଅନ୍ୟ ୬ଜଣ ଅଳ୍ପକେ ବର୍ତିଯାଇଥିଲେ। ଦୀର୍ଘ ୧୨ ଘଣ୍ଟା ପରେ ଅଳେଶ୍ୱର ମନ୍ଦିର ସମୁଦ୍ର ତଟରେ ମୃତାବସ୍ଥାରେ ଉଦ୍ଧାର ହୋଇଥିଲା। ତାଙ୍କ ପରିବାର ସଦସ୍ୟଙ୍କୁ ରେଡକ୍ରସରୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା।

## ମୃତକଙ୍କ ପରିବାରକୁ ଭେଟିଲା ବିଜେଡି ପ୍ରତିନିଧି ଦଳ

ଛତ୍ରପୁର, ୨୯ ।୮ (ସମିସ): ଗୁରୁବାର ସମୁଦ୍ରରେ ଡଙ୍ଗା ଓଲଟି ମତ୍ସ୍ୟଜୀବୀ ଏଙ୍ଗ. କାଲେୟାଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ମୃତକଙ୍କ ପରିବାରକୁ ଭେଟିଛି ବିଜେଡିର ଏକ ପ୍ରତିନିଧି ଦଳ। ଶୁକ୍ରବାର ଅପରାହ୍ଣରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ନୋଳିଆନୂଆଗାଁ ସ୍ଥିତ ମୃତ ଏଙ୍ଗ. କାଲେୟାଙ୍କ ବାସଭବନରେ ପହଞ୍ଚି ପରିବାରକୁ ସାକ୍ଷାତ କରିଥିଲା। ପରିବାରରକୁ ସମାବେଦନା ଜଣାଇବା ସହ କିପରି ପରିବାରର ସଦସ୍ୟଙ୍କୁ ସରକାରୀ ସହାୟତା ଅଧିକରୁ ଅଧିକ ମିଳିବ ସେନେଇ ସେମାନେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବେ ବୋଲି ମୃତ ଏଙ୍ଗ କାଲେୟାଙ୍କ ସ୍ତ୍ରୀ ଏଙ୍ଗା ଏରାମ୍ମା ଓ ପରିବାରକୁ କହିବା ସହ ଆଶ୍ୱାସନା ଦେଇଥିଲେ। ପରେ ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ ପକ୍ଷରୁ ମୃତକ ପରିବାରକୁ ୧୦ ହଜାର ଟଙ୍କା ସହ ବିଭିନ୍ନ ରୋଷେୟା ସାମଗ୍ରୀ ପ୍ରଦାନ କରିଥିଲେ। ବିଜେଡିର ଏହି ଟିମରେ ୨୦ନଂ ଜିଲା ପରିଷଦ ସଭ୍ୟ ଏମ୍.ଧନଞ୍ଜୟ ରେଡ଼ି, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଶ୍ରୀରାମଚନ୍ଦ୍ରପୁର ସମିତି ସଭ୍ୟ ଏସ୍.ଚକ୍ରପାଣି ରେଡ଼ି, ଯୁବ ବିଜେଡି ଗଞ୍ଜାମ ଜିଲ୍ଲା ସଭାପତି ଭବାନୀ କାନ୍ତ ସାହୁ, ଯୁବ ବିଜେଡି ନଗର ସଭାପତି ଟି.ଚନ୍ଦ୍ର ଶେଖର ରାଓ, ପୂର୍ବତନ ସରପଞ୍ଚ ସୋମନାଥ ବେହେରା, ଯୁବନେତା ଅକ୍ଷୟ ସ୍ୱାଇଁ, ଅଭିରାମ ପ୍ରଧାନ, ରାଜେଶ ମହାରଣା ଓ କିଶୋର ବେହେରା, ଯୁବ ବିଜେଡି ଛତ୍ରପୁର ବ୍ଲକ ସଭାପତି କାଳିଆ ନାହାକ ଓ ଟିକିନା ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।



## ମଦ ଜବତ, ୨ ଅଭିଯୁକ୍ତ ଗିରଫ

ଦିଗପହଣ୍ଡି, ୨୯ ।୮ (ସମିସ): ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମ ଜଙ୍ଗଲ ରାସ୍ତାରୁ ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ନିକଟରୁ ୪୦ ଲିଟର ଅପମିଶ୍ରିତ ଦେଶୀମଦ ଜବତ କରାଯାଇଛି। ଯୁବକ ଜଣକ ହେଲେ ଗଞ୍ଜାମ ଜିଲା ଜରଡ଼ା ଥାନା ତେନ୍ତୁଳିଆ ଗ୍ରାମର କୃଷ୍ଣ ଶବର(୨୬)। ଟିକିଟି ଅବକାରୀ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡା ଭୋରରେ ସଦଳବଳେ ପାଟ୍ରୋଲିଂ କରୁଥିବା ବେଳେ କୃଷ୍ଣ ୨ଟି ଧଳା ରଙ୍ଗର ପ୍ଲାଷ୍ଟିକ ଜାରକିନ୍ ଧରି ସନ୍ଦେହଜନକ ଅବସ୍ଥାରେ ଯାଉଥିଲେ। ତାଙ୍କୁ ଅଟକାଇ ଖାନ ତଲାସି କରାଯିବାରୁ ସେଥିରେ ଅପମିଶ୍ରିତ ଦେଶୀମଦ ଥିବା ଜଣାପଡ଼ିଥିଲା। ଅବକାରୀ ଇନ୍ସପେକ୍ଟର ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସାକ୍ଷ୍ୟ ମାନଙ୍କ ଉପସ୍ଥିତିରେ ଜବତ ମଦରୁ ନମୂନା ସଂଗ୍ରହ କରାଯାଇ ଜିଲ୍ଲା ଫରେନ୍ସିକ୍ ଲାବୋ୍ରଟେରୀକୁ ପଠାଯାଇଛି। ଅଭିଯୁକ୍ତ ଜଣକ ଗ୍ରାମାଞ୍ଚଳରେ ମଦ ବିକ୍ରୀ ପାଇଁ ନେଉଥିବା ସ୍ୱୀକାର କରିବା ପରେ ତାଙ୍କୁ ଅବକାରୀ ମାମଲା ନଂ.୩୬/୨୫-୨୬ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଥିଲା। ସେହିପରି ସାନଖେମୁଣ୍ଡି ବ୍ଲକ ପାଟପୁର ଗାଁ ଛକରୁ ରାଧାଦେଇପୁର ଗ୍ରାମର ମଙ୍ଗୁଲୁ ସୁଆଁସିଆଙ୍କ ନିକଟରୁ ଶୁକ୍ରବାର ୧୪ଟି ବିଦେଶୀ ମଦ ବୋତଲ ଜବତ କରାଯାଇ ଅବକାରୀ ମାମଲା ନଂ.୩୭/୨୫-୨୬ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ଜଣାଇଛନ୍ତି।

## ନିଖୋଜ ନାବାଳକର ଶବ ଉଦ୍ଧାର

ଶେରଗଡ଼, ୨୯ ।୮ (ସମିସ): ଶେରଗଡ଼ ଥାନା ସାଗରପଲ୍ଲୀ ଗ୍ରାମର ଜଣେ ନାବାଳକ ଗୁରୁବାର କେନାଲରେ ଭାସି ଯାଇ ନିଖୋଜ ହୋଇଥିଲେ। ଶୁକ୍ରବାର ତାଙ୍କ ଶବ ଉଦ୍ଧାର ହୋଇଛି। ମୃତକ ହେଲେ ସାଗରପଲ୍ଲୀ ଗ୍ରାମର ଟୁନା ନାୟକଙ୍କ ପୁଅ କ୍ରିଷ୍ଣା (୧୪)। ସେ ଗୁରୁବାର ୩ ଜଣ ସାଙ୍ଗଙ୍କ ସହିତ ମିଶି ରୁଷିକୂଲ୍ୟା କେନାଲକୁ ଗାଧେଇବା ଲାଗି ଯାଇଥିଲେ। କିଛି ଦିନ ପୂର୍ବରୁ ପ୍ରବଳ ବର୍ଷା ଯୋଗୁଁ ରୁଷିକୂଲ୍ୟା କେନାଲରେ ପ୍ରବଳ ସ୍ରୋତ ଚାଲୁ ରହିଛି। କ୍ରିଷ୍ଣା ସମସ୍ତ ସାଙ୍ଗ ମାନଙ୍କ ସହିତ ଗାଧୋଉଥିବା ବେଳେ ଅସାବଧାନତାବଶତଃ କ୍ରିଷ୍ଣାଙ୍କ ଗୋଡ଼ ଖସିଯିବା ଫଳରେ କ୍ରିଷ୍ଣା ଭାସି ଯାଇଥିଲେ। ତିନି ସାଙ୍ଗ ଉଦ୍ଧାର ଲାଗି ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହେବା ପରେ ପରିବାର ବର୍ଗଙ୍କୁ ଖବର ଦେଇଥିଲେ। ପରିବାର ବର୍ଗ ଶେରଗଡ଼ ଥାନା ଏବଂ ଅଗ୍ନିଶମ କେନ୍ଦ୍ରକୁ ଖବର ଦେବା ପରେ ଅଗ୍ନିଶମ କର୍ମଚାରୀ ମାନେ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା କ୍ରିଷ୍ଣାଙ୍କୁ ଉଦ୍ଧାର କରିପାରିନଥିଲେ। ତେବେ ଅନ୍ଧାର ହେବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଥିଲା। ଶୁକ୍ରବାର ସକାଳୁ ପାଟପୁର ଥାନା ରାମଚନ୍ଦ୍ରପୁର ଗ୍ରାମ ନିକଟ ଦେଇ ଯାଉଥିବା ରୁଷିକୂଲ୍ୟା କେନାଲରେ ଗୋଟେ ଶବ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏହା ପରେ ପୁଲିସ ଶେରଗଡ଼ ଅଗ୍ନିଶମ କେନ୍ଦ୍ର କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଶବକୁ ଉଦ୍ଧାର କରିବା ପରେ ପରିବାର ସଦସ୍ୟ ପହଞ୍ଚି କ୍ରିଷ୍ଣାଙ୍କୁ ଚିହ୍ନଟ କରିଥିଲେ। ପୁଲିସ ଶବ ଜବତ କରିବା ସହ ୧୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ।

## ଜାତୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

ଆସିକା, ୨୯ ।୮ (ସମିସ): ଜାତୀୟ କ୍ରୀଡା ଦିବସ ଅବସରରେ ଶୁକ୍ରବାର ଦିନ ଠାରୁ ଆରମ୍ଭ ହୋଇଥିବା ଆସିକା ବିଜୁ ପଟନାୟକ ଇଣ୍ଡୋର ଷ୍ଟାଡିୟମ ପରିସରରେ ଜାତୀୟ ଖେଳ ମହୋତ୍ସବ ଆରମ୍ଭ ହୋଇଯାଇଛି। ଉଦଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଭଞ୍ଜନଗର ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା, ଆସିକା ବିଡ଼ିଓ ଲିପିନା ଦାସ, ସନ୍ଦୀପ ପାଢ଼ୀ, ଜିଲ୍ଲା କ୍ରୀଡା ଅଧିକାରୀ ସନ୍ତୋଷ ମିଶ୍ର, ବିଇଓ ମୁନୁ ରାଣୀ ମହାନ୍ତି, ଆୟୋଜକ ତଥା କ୍ରୀଡାବିତ ସନ୍ତୋଷ ପଣ୍ଡିତ, ସାଗର ସାବତ, ଚିଦାନନ୍ଦ ଆଚାରୀ, କ୍ରୀଡା ବିଭାଗର ପଦାଧିକାରୀ ମାନେ ଉପସ୍ଥିତ ଥିଲେ। କବାଡି ପ୍ରତିଯୋଗିତା ସହ ବେଡ଼ ମିଣ୍ଟନ ଖେଳ ଅନୁଷ୍ଠିତ ହୋଇଥିଲା। କୋଚ ରୂପେ ବାବୁ ଗୌଡ଼, ଚନ୍ଦନ ବେହେରା, କୈଳାଶ ଗୌଡ଼ ଏବଂ ସ୍ୱଦେଶ ଦଳେଇ ଖେଳ ପରିଚାଳନା କରିଥିଲେ।

## ଧୁମ୍‌ଧାମ୍‌ରେ ଅଗ୍ରପୂଜ୍ୟଙ୍କ ପୂଜାର୍ଚ୍ଚନା



ବେଗୁନିଆପଡ଼ା, ୨୯ ।୮ (ସମିସ): କୋଦଳା ଓ ବେଗୁନିଆପଡ଼ା ଅଞ୍ଚଳରେ ଧୁମଧାମରେ ପାଳିତ ହେଉଛି ଆଗ୍ରପୂଜ୍ୟ ଗଣେଶଙ୍କ ପୂଜାର୍ଚ୍ଚନା। ସେଥିପାଇଁ ଅଞ୍ଚଳରେ ଭକ୍ତିମୟ ଆଧାତ୍ମିକ ପରିବେଶ। ବିଭିନ୍ନ ସରକାରୀ/ବେସରକାରୀ ଶିକ୍ଷା ଅନୁଷ୍ଠାନ ସହିତ ଛକ ଛକ ରେ ଆକର୍ଷଣୀୟ ତୋରଣ, ଆଲୋକ ସଜ୍ଜା ସହ ପୂଜା ମଣ୍ଡପ ରେ ବିରାଜମାନ କରୁଛନ୍ତି ବିଘ୍ନ ବିନାଶକ ବିନାୟକ। କୋଦଳା ଏନଏସିର ପଣ୍ଡାସାହି, ଖଲାଡି ସାହି, ଗୋଲାସାହି, କଲେଜ ରୋଡ଼, ଏନଏସି ମାର୍କେଟ କମ୍ପ୍ଲେକ୍ସ, ହରିଜନ ସାହି, ବସଷ୍ଟାଣ୍ଡ, ଗୌରାଦେଇପୁର, ଇନାମ ବେଲପଡ଼ା, ବି ନୂଆପଲୀ, ବାଇଗଣିଆ ସାହି, ଗଣେଶ ଯୁବକ ସଙ୍ଘରେ ସୁନ୍ଦର ସାଜସଜା ସହିତ ପୂଜା ପାଉଛନ୍ତି ପ୍ରଭୁ ଶ୍ରୀ ଗଣେଶ। ଗୋଲାସାହି, ବସଷ୍ଟାଣ୍ଡ ରେ ସୁନ୍ଦର ତୋରଣ କାମ ହୋଇଥିବା ବେଳେ, ଆଲୋକ ସଜ୍ଜାରେ ସବୁଠାରୁ ଆଗରେ କଲେଜ ରୋଡ଼ ମେଢ଼। ସନ୍ଧ୍ୟାରେ ଭକ୍ତଙ୍କ ଗହଳି, ଟ୍ରାଫିକ ସମସ୍ୟା ର ସମାଧାନ ଓ ଶାନ୍ତି ଶୃଙ୍ଖଳା ରକ୍ଷ୍ୟା ନିମନ୍ତେ କୋଦଳା ପୁଲିସ ପ୍ରଶାସନ ତତ୍ପରତା ଦେଖାଇଛି। କେଉଁ କେଉଁ ମେଢ଼ରେ ଦର୍ଶନ କରିବାକୁ ଆସୁଥିବା ଭକ୍ତଙ୍କୁ ଶୁଖିଲା ପ୍ରସାଦ ବଣ୍ଟନ କରାଯାଉଥିବା ଦେଖିବାକୁ ମିଳୁଥିବା ବେଳେ ବସ୍‌ଷ୍ଟାଣ୍ଡଠାରେ ବାବା ଦଣ୍ଡିଶ୍ୱର ଅଟୋ ସଙ୍ଘ ପକ୍ଷରୁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

## ଗଣେଶ ପୂଜାରେ ସେଲ୍‌ଫି ପ୍ରତିଯୋଗିତା



ଛତ୍ରପୁର, ୨୯ ।୮ (ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତରେ ଏକ ସେଲ୍‌ଫି ପ୍ରତିଯୋଗିତାର ଆୟୋଜନ କରିଥିଲେ ଯୁବ ଆଇନଜୀବୀ ସମୀର କୁମାର ପାଣିଗ୍ରାହୀ। ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ ରହିଥିଲା ସ୍ଥାନୀୟ ଗଣେଶ ପୂଜା ମଣ୍ଡପକୁ ଲୋକ ଲୋଚନକୁ ଆଣିବା ତଥା ଯୁବବର୍ଗଙ୍କୁ ଆଧାତ୍ମିକ ରାସ୍ତାରେ ପରିଚାଳିତ କରିବା। ଏହି ସେଲ୍‌ଫି ପ୍ରତିଯୋଗିତାରେ ନିଜ ନିଜ ପରିବାର ସହ ଲୋକ ଫୋଟୋ ଉଠାଇଥିବାର ଫୋଟୋ ମଧ୍ୟ ଆସିଥିଲା। ଶେଷରେ ସବୁ ଫୋଟୋକୁ ନଜରରେ ରଖି ପ୍ରଥମ ପୁରସ୍କାର ରଘୁନାଥପୁରର ସରୋଜ କୁମାର ମଲ୍ଲିକ, ଦ୍ୱିତୀୟ ପୁରସ୍କାର ନରେନ୍ଦ୍ରପୁରର ସୁଶାନ୍ତ କୁମାର ବେହେରା ଓ ମୁନା ମଲ୍ଲିକଙ୍କୁ ଏବଂ ତୃତୀୟ ପୁରସ୍କାର ରଘୁନାଥପୁରର ପି. ଭେଙ୍କଟେସ ରେଡ୍ଡିଙ୍କୁ ପ୍ରଦାନ କରାଯାଇଥିଲା। ନରେନ୍ଦ୍ରପୁରସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଏହି ପୁରସ୍କାର ବିତରଣ ସଭାରେ ଡ଼ଃ ପଙ୍କଜ କୁମାର ସେଠୀ, ପୂର୍ବତନ ସମିତି ସଭ୍ୟ ଜ୍ୟୋତି ରଞ୍ଜନ ସାହୁ, ଗଜପତି ଜିଲ୍ଲାର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରୋସିକ୍ୟୁଟର ରାଜେଶ କୁମାର ମିଶ୍ର ତଥା ସମାଜସେବୀ ମନୋଜ ମିଶ୍ର ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ସ୍ୱାୟତ୍ତଶାସନ ସପ୍ତାହରେ ସଚେତନତା

ଦିଗପହଣ୍ଡି, ୨୯ ।୮ (ସମିସ): ପବିତ୍ର ସ୍ୱାୟତ୍ତ ଶାସନ ସପ୍ତାହ ପାଳନ ଅବସରରେ ଦିଗପହଣ୍ଡି ଏନ୍‌ଏସି ପକ୍ଷରୁ ଶୁକ୍ରବାର ଅପରାହ୍ଣରେ ଦିଗପହଣ୍ଡି ସହରର ବଜାର ଗାନ୍ଧୀଛକ, ବସଷ୍ଟାଣ୍ଡ, ପୁଞ୍ଜିକୟାଁ ଛକ ଆଦି ଜନଗହଳି ସ୍ଥାନ ମାନଙ୍କରେ ଲୋକନୃତ୍ୟ ମାଧ୍ୟମରେ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ସ୍ୱଚ୍ଛ ସର୍ବେକ୍ଷଣ - ୨୦୨୫ ପାଇଁ ସହରକୁ ଆବର୍ଜନା ମୁକ୍ତ ରଖିବା, ପଲିଥିନ ଓ ପ୍ଲାଷ୍ଟିକ ଠାରୁ ଦୂରେଇ ରହିବା, ଗାଇଗୋରୁ ମାନଙ୍କୁ ରାସ୍ତାରେ ନ ଛାଡିବା, ଏନ୍‌ଏସିର ଗାରିମା ପ୍ରଶିକ୍ଷିତ ସଫେଇ କର୍ମଚାରୀଙ୍କ ମାଧ୍ୟମରେ ପାଇଖାନା ଟାଙ୍କି ସଫା କରିବା ସହ ଜଳାଶୟ ଗୁଡିକରେ ମଇଳା କିମ୍ବା ବର୍ଜ୍ୟବସ୍ତୁ ନପକାଇବା ନେଇ ସଚେତନ କରାଯାଇଥିଲା। ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ ପକ୍ଷରୁ ଲୋକନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।



## ତାଲୁକ ଆଇନ ସେବା କମିଟିର ସଚେତନତା



ଛତ୍ରପୁର, ୨୯ ।୮ (ସମିସ): ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ନୋଳିଆ ନୂଆଗାଁରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ପ୍ରଦୀପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଛତ୍ରପୁର ସିନିୟର ସିଭିଲ ଜଜ ପୂଜା ଦେ, ଏସଡ଼ି ଜେଏମ ପ୍ରିତିଶ କୁମାର ରଥ, ଜେଏମଏଫସି ସ୍ୱାଗତିକା ସ୍ୱାଇଁ, ତାଲୁକ ଆଇନ ସେବା କମିଟିର ସଦସ୍ୟ ତଥା ଆଇନଜୀବୀ ମନୋଜ କୁମାର ପାଢ଼ୀ ଓ ସୁରଜିତ ସାମନ୍ତରାୟ, ଆଇନଜୀବୀ ବ୍ରଜ ମୋହନ ଆଚାର୍ଯ୍ୟ, ଅଗସ୍ତିନୂଆଗାଁ ସରପଞ୍ଚ ଉର୍ମିଳା ଦାସ ଓ ପିଇଓ ସୋନାଲି ମହାନ୍ତି ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡ଼ିକୁ ସଠିକ ଭାବେ ଲୋକମାନେ କିପରି ଜାଣିପାରିବେ ଏବଂ ଯୋଗ୍ୟ ହିତାଧିକାରୀ ମାନେ ପାଇ ପାରିବେ ସେ ସମ୍ପର୍କ ସଚେତନ କରିଥିଲେ। ତାଲୁକ ଆଇନ ସେବା କମିଟି ପକ୍ଷରୁ ପ୍ରଦାନ କରଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ମଧ୍ୟ ସେମାନେ କହିଥିଲେ। ତାଲୁକ ଆଇନ ସେବା କମିଟିର ସଦସ୍ୟ ସୁରଜିତ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ବୁଗୁଡା, ୨୯ ।୮ (ସମିସ): ସ୍ଥାନୀୟ ବ୍ଲକ ଛକ ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଛନ୍ତି। ଗୁରୁତର ଯୁବକ ଜଣକ ହେଲେ ବୁଗୁଡ଼ା ନିକଟସ୍ଥ କତକଲା ଗ୍ରାମର ଅକ୍ଷୟ କୁମାର ବିଷୋୟୀ (୩୦)। ଶୁକ୍ରବାର ଅପରାହ୍ଣରେ ଅକ୍ଷୟ ବାଇକ ଯୋଗେ ବୁଗୁଡା ବଜାରକୁ ଆସୁଥିବା ବେଳେ ଅନ୍ୟ ଜଣେ ବାଇକ୍ ଚାଳକ ମୋବାଇଲ ଫୋନରେ କଥା ହୋଇ ତାଙ୍କର ସାମ୍ନାକୁ ଆସିଯିବାରୁ ଦୁର୍ଘଟଣା ଘଟିଥିଲା। ହଠାତ୍ ଡିସ୍ ବ୍ରେକ୍ ମାରି ଅକ୍ଷୟ ରାସ୍ତାରେ କଚାଡ଼ି ହୋଇପଡ଼ିଥିବାବେଳେ ଅନ୍ୟ ବାଇକ୍ ଚାଳକ ଜଣକ ରାସ୍ତାର ଡିଭାଇଡରରେ ପିଟି ହୋଇଯାଇ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଅକ୍ଷୟଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲକୁ ଆଣିଥିଲେ। ତେବେ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା।

## ହାଇସ୍କୁଲରେ ନିର୍ମାଣ ହେଉନି ପାଠାଗାର

କୋଦଳା, ୨୯ ।୮ (ସମିସ): ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଅଙ୍ଗାରଗାଁ ସ୍ଥିତ ଦଣ୍ଡପାଣି ସୁମନ୍ତରାୟ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ୍ ଯୋଜନାରେ ପାଠାଗାର ନିର୍ମାଣ ହୋଇନଥିବା ନେଇ ଗଞ୍ଜାମ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି କେ. ପ୍ରଶାନ୍ତ କୁମାର ପାତ୍ର। ସୂଚନା ଅନୁଯାଇ ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଅଙ୍ଗାରଗାଁ ମା'କାଜୁ ଇଣ୍ଡଷ୍ଟ୍ରିର ସତ୍ତ୍ୱାଧିକାରି ପ୍ରଦିପ କୁମାର ପାତ୍ର ଅଙ୍ଗାରଗାଁ ସ୍ଥିତ ଦଣ୍ଡପାଣି ସୁମନ୍ତରାୟ ଉଚ୍ଚ ବିଦ୍ୟାଳୟ ପରିସରରେ ନିଜ ପିତା ସ୍ୱର୍ଗତ ଭାସ୍କର ପାତ୍ରଙ୍କ ନାମରେ ଏକ ପାଠାଗାର ନିର୍ମାଣ ପାଇଁ ୭ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଏହି ଅର୍ଥ ରାଶି ମୋ ସ୍କୁଲ୍ ସ୍କିମରେ ଡ଼ିପୋଜିଟ ହେବା ସହ ସରକାରଙ୍କ ଠାରୁ ୧୪ ଲକ୍ଷ ଟଙ୍କା ଆସିଥିଲା ଏହି ଅର୍ଥରାଶିକୁ ମିଶାଇ ପାଠାଗାର ନିର୍ମାଣ କରିବା କଥା। କିନ୍ତୁ ଦୁଃଖର ବିଷୟ ଗତ ୧୫.୮.୨୦୨୧ରେ ୭ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଧାନ ଶିକ୍ଷକ ବିପ୍ର ଚରଣ ସାହୁ ଏବଂ ସେତେବେଳର ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିବା ବେଳେ ଦୀର୍ଘ ୪ବର୍ଷ ବିତି ଯାଇଥିଲେ ମଧ୍ୟ ପାଠାଗାର ନିର୍ମାଣ ହୋଇନଥିବା ନେଇ ପ୍ରଦିପଙ୍କ ସାନ ଭାଇ କେ.ପ୍ରଶାନ୍ତ କୁମାର ପାତ୍ର ଅଭିଯୋଗ କରିଛନ୍ତି। ଏନେଇ ପ୍ରଧାନ ଶିକ୍ଷକ ବିପ୍ର ଚରଣ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ପାଠାଗାର କାର୍ଯ୍ୟ ଶେଷ ହୋଇଛି। କେବଳ ନାମ ଫଳକ ଲଗାଇବା ପାଇଁ ବାକି ଅଛି। ସମୟ ସୁବିଧା ଦେଖି ଫଳକଟିକୁ ଲଗାଯିବ। ସେହିପରି ବେଗୁନିଆପଡ଼ା ଗୋଷ୍ଠୀ ଶିକ୍ଷାଅଧିକାରୀ ରୁଦ୍ର ନାରାୟଣ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ ସୋମବାର ବେଗୁନିଆପଡ଼ା ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଆସିଥିବା ଅଭିଯୋଗର ଉତ୍ତର ଦେବାପାଇଁ ନିର୍ଦ୍ଦେଶ ଆସିଛି। ବର୍ତ୍ତମାନ ତଦନ୍ତ ଚାଲିଛି, ତଦନ୍ତ ପରେ ସତ୍ୟାସତ୍ୟ ପ୍ରକାଶ ପାଇବ।

## ରମ୍ଭା ଅଞ୍ଚଳରେ ଷଷ୍ଠୀ ଓଷା ପୂଜା

ରମ୍ଭା, ୨୯ ।୮ (ସମିସ): ପାରମ୍ପରିକ ପ୍ରଥା ଅନୁସାରେ ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ପ୍ରତ୍ୟେକ ଘରେ ଷଷ୍ଠୀଓଷା ପର୍ବ ପାଳିତ ହୋଇଥାଏ। ଏହି ଅବସରରେ ପ୍ରତ୍ୟେକ ଘରେ ଷଠି ଠାକୁରାଣୀ ରୂପେ ଶିଳ ପୁଆକୁ ଲୁଗା ପିନ୍ଧାଇ ଚନ୍ଦନ, ସିନ୍ଦୂର, ଫୁଲ ଦେଇ ପୂଜା କରାଯିବା ସହ କେହି କେହି ବିଭିନ୍ନ ଅଳଙ୍କାରରେ ଭୂଷିତ କରି ଠାକୁରାଣୀଙ୍କୁ ଅତି ସୁନ୍ଦର ଭାବରେ ସଜାଇ ବିଭିନ୍ନ ପ୍ରକାର ଭିନ୍ନ ଭିନ୍ନ ପିଠା ଭୋଗ କରାଯାଇଥାଏ। ମା'ଙ୍କୁ ବନ୍ଦାବନା କରାଯିବା ସହ ପିଲାମାନଙ୍କୁ ବନ୍ଦାବନା କରି ଶିଶୁ ମାନଙ୍କ ହାତରେ ହଳଦିଆ ରଙ୍ଗର କନା ମା'ମାନେ ବାନ୍ଧିବା ସହ ପୂଜା ହୋଇଥିବା ବଜ୍ର ମୂଳିକୁ ପିଲାମାନଙ୍କ ମୁଣ୍ଡରେ ଛୁଆଁଇ ଆୟୁ ବୃଦ୍ଧି ହେବା ସହ ଦୀର୍ଘାୟୁ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ସେହିପରି ଗ୍ରାମର ଶ୍ରୀମନ୍ଦିର ବେଢ଼ାରେ ଥିବା ଷଠି ଦେବୀଙ୍କ ମନ୍ଦିରରେ ମହିଳାମାନେ ପୂଜାର୍ଚ୍ଚନା କରିଥାନ୍ତି।



## ଶିକ୍ଷାବିତ୍‌ଙ୍କ ପରଲୋକ

ଛତ୍ରପୁର, ୨୯ ।୮ (ସମିସ): ଅବସରପ୍ରାପ୍ତ ବିଦ୍ୟାଳୟ ଉପନିରୀକ୍ଷକ ତଥା ବରିଷ୍ଠ ଶିକ୍ଷାବିତ ଉମା ଚରଣ ସାହୁ (୭୭)ଙ୍କ ପରଲୋକ ଘଟିଛି। ସ୍ୱର୍ଗତ ସାହୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିଲେ। ତାଙ୍କର ମୃତ୍ୟୁଶଯ୍ୟା ନିକଟରେ, ପତ୍ନୀ, ଦୁଇ ପୁଅ, ପୁତ୍ରବଧୂ, ନାତି ନାତୁଣୀ ଏବଂ ବନ୍ଧୁବାନ୍ଧବ ମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ସାହୁ ଛତ୍ରପୁର ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ପୂର୍ବତନ ସମ୍ପାଦକ ତଥା ଛତ୍ରପୁର ସାହିତ୍ୟ ସଂସଦର ସଦସ୍ୟ ଥିଲେ। ସ୍ୱର୍ଗତ ସାହୁ ନିଜ ଚାକିରୀ କାଳରେ ପୋଲସରା, କୋଦଳା, ବେଗୁନିଆପଡ଼ା, ଖଲ୍ଲିକୋଟ, ହିଞ୍ଜିଳିକାଟୁ ସମେତ ବହୁ ସ୍ଥାନରେ ଶିକ୍ଷା ନିରୀକ୍ଷକ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଭସାଣି ପୂର୍ବରୁ ଡିଜେ ଗାଡ଼ି ଅଟକ

ଭଞ୍ଜନଗର, ୨୯ ।୮ (ସମିସ)

ଭଞ୍ଜନଗର ସହରର ବିଭିନ୍ନ ପୂଜା ମଣ୍ଡପରେ ଆନନ୍ଦ ଉଲ୍ଲାସର ସହ ଶେଷ ହୋଇଛି ଗଣେଶ ପୂଜା। ଏବେ ଭଷାଣି ଉତ୍ସବକୁ ଜାକଜମକରେ କରିବା ପାଇଁ ସବୁ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏହି ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାକୁ ପୁଲିସ୍ ପକ୍ଷରୁ ଗାଇଡ୍ ଲାଇନ୍ ଜାରି କରାଯାଇଛି। ସେଥିମଧ୍ୟରେ ଆତସବାଜି ଓ ଡିଜେକୁ ସମ୍ପୂର୍ଣ୍ଣ ବ୍ୟାନ କରାଯାଇଛି।

ଏ ସମ୍ପର୍କରେ ବିଭିନ୍ନ ପୂଜା କମିଟିକୁ ସଚେତନ ମଧ୍ୟ କରାଯାଇଛି। ତେଣୁ ବିଭିନ୍ନ ବାଦ୍ୟ, ଲୋକ କଳା ଓ ପାରମ୍ପରିକ ନୃତ୍ୟର ଚାହିଦା ବୃଦ୍ଧି ପାଇଛି। ଭଞ୍ଜନଗର ସହରରେ ଶୁକ୍ରବାର କେତେକ ପୂଜା କମିଟି ପକ୍ଷରୁ ଭଷାଣି କରାଯାଉଛି। ସେଥି ମଧ୍ୟରେ ଏକ ଘରୋଇ ଶିକ୍ଷାନୁଷ୍ଠାନ ଭଷାଣି ପାଇଁ ଡିଜେ ଆଣିଥିବା ଦେଖି ପୁଲିସ ଶୋଭାଯାତ୍ରା ବାହାରିବା ପୂର୍ବରୁ ଉକ୍ତ ଡିଜେ ଗାଡ଼ିକୁ ଥାନାକୁ ଆଣି ଅଟକ ରଖି ତାଗିଦ କରିଥିବା ଜଣାପଡ଼ିଛି। ସରକାରୀ ନିର୍ଦ୍ଦେଶ ପ୍ରକାରେ ଆଗାମୀ ଦିନରେ ମଧ୍ୟ ଭଷାଣି ସମୟରେ ଡ଼ିଜେ ବାଜିବ ନାହିଁ ବୋଲି ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶିଖର ନାୟକ

ମାଛପଦା (ଗୋଡା), ବୋରିକିନା, ଜଗତ୍‌ସିଂହପୁର

ଆବିର୍ଭାବ - ୦୧/୦୬/୧୯୪୯

ତିରୋଧାନ - ୨୦/୦୮/୨୦୨୫

ଜନ୍ମ ଅଛି ମାନେ ମୃତ୍ୟୁ ସୁନିଶ୍ଚିତ। ଏହି ନିଷ୍ଠୁର ସତ୍ୟକୁ ବା କିଏ କେମିତି ବଦଳାଇ ପାରିଥାନ୍ତା? ଯଥାସମ୍ଭବ ଚେଷ୍ଟା କରିଥିଲୁ। ହେଲେ ଭଗବାନଙ୍କର ନିଷ୍ପତ୍ତି ଥିଲା ଭିନ୍ନ। ଆମ ମୁଣ୍ଡ ଉପରୁ ତମର ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଯେଉଁଠି ଥାଅ ଭଲରେ ଥାଅ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାଅ।

ଶୋକସନ୍ତପ୍ତ: ପୁଅ- ସରୋଜ, ନିରୋଦ, ହେମନ୍ତ, ଶୋକସନ୍ତପ୍ତ: ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାରବର୍ଗ

ସକାଳ THE SAKALA



www.sakalaepaper.com

## ପାରଳାରେ ଜାତୀୟ କ୍ରୀଡ଼ା ଦିବସ



ପାରଳାଖେମୁଣ୍ଡି,୨୯ ।୮ (ସମିସ): ଜିଲ୍ଲା ଶିକ୍ଷାଧିକାରୀ ଡ଼.ମାୟାଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ପ୍ରତ୍ୟେକ ସ୍କୁଲରେ ଜାତୀୟ କ୍ରୀଡ଼ା ଦିବସ ପାଳନ ହୋଇଛି। ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀରାମ ମୂର୍ତ୍ତି ପ୍ରସିଦ୍ଧ ହକି ଜାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ତଥା ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ତଥା ଦୌଡକୁଦ, କବାଡି, ଭଲିବଲ, ଖୋଖୋ, ଫୁଟବଲ, ତୀରନ୍ଦାଜ୍, ହକି, ସନ୍ତରଣ, ନେଟ୍‌ବଲ୍ ଉପରେ ଆଲୋକପାତ କରିଥିଲେ। ଫିଟ୍ ଇଣ୍ଡିଆ ଅଭିଯାନରେ ସକ୍ରିୟ ଭାବରେ ଯୋଗଦେବା ପାଇଁ ଆହ୍ୱାନ ଦେଇଥିଲେ। ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଉପସ୍ଥିତଥିଲେ । ଶିକ୍ଷକ ଜଗନ୍ନାଥ ପଟ୍ଟନାୟକ, ଅଶୋକ ଗୌଡ, ଜିକିରୀୟ ଶବର, ମଧୁସୁଦନ ରାଓ, ସୋମନାଥ ଦାଶ, ବି. ରମେଶ, କ୍ରୀଡ଼ା ଶିକ୍ଷକ ପ୍ରିୟଦର୍ଶୀ ମିଶ୍ର ଓ ଲିଙ୍ଗରାଜ ସାହୁ ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଗଜପତି ଷ୍ଟାଡିୟମ ନିକଟରେ ଥିବା ଇଣ୍ଡୋର ଷ୍ଟାଡିୟମରେ ଭାରପ୍ରାପ୍ତ କ୍ରୀଡ଼ା ଅଧିକାରୀ ଶ୍ରୀ ପାତ୍ର ମେଜର ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏଥିରେ ଫୁଟବଲ ଓ ବ୍ୟାଡମିଣ୍ଟନ ଖେଳାଳୀ ଯୋଗ ଦେଇଥିଲେ ।

## ବିଦ୍ୟାଳୟ ପରିଚାଳନା କମିଟି ବୈଠକ




ଜି.ଉଦୟଗିରି,୨୯।୮ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ ବନଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଶୁକ୍ରପାର ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟି ସଭାପତି ତ୍ରିଶିଳା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକ ରେ ଶିକ୍ଷକ ମାନେ କିପରି ସପ୍ତମ ବେତନ ହାରରେ ବକେୟା ଦରମା ଓ ନିୟମିତ ଦରମା ପାଇବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ସମସ୍ତ ପରିଚାଳନା କମିଟି ସଦସ୍ୟଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଯୋଗ ଦେଇଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ବିଦୁତପ୍ରଭା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ହଟିଲା ବିପଦପୂର୍ଣ୍ଣ ଶୁଖିଲା ଗଛ

ଦାରିଙ୍ଗବାଡ,୨୯।୮ (ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଚାରିଛକ ନିକଟରେ ଦୀର୍ଘ ଦିନ ହେବ ଏକ ଶୁଖିଲା ଗଛ ରହିଥିଲା। ଏହା ଲୋକଙ୍କ ପାଇଁ ବିପଦକୁ ଆମନ୍ତ୍ରଣ କରୁଥିଲା। ତାହାକୁ ଆଜି ବ୍ଲକ ପ୍ରଶାସନ ପକ୍ଷରୁ ହଟାଇ ଦିଆଯାଇଛି। ଉକ୍ତ ବିରାଟ ଗଛ କିଛି ବର୍ଷ ଧରି ଶୁଖିଲା ଅବସ୍ଥାରେ ଥିଲା। ଗଛ ବସ ଓ ବସଯାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ବେଳେ ପ୍ରାୟ ୫୦ ବର୍ଷର ପୁରୁଣା ଗଛ ପ୍ରାୟ ୨ ବର୍ଷ ପୂର୍ବରୁ ମରି ଶୁଖିବାକୁ ଆରମ୍ଭ ହୋଇଥିଲା। ସେଥିରୁ ସାମାନ୍ୟ ପବନରେ ବଡ ବଡ ଶୁଖିଲା ଡାଳ ଭାଙ୍ଗି ପଡୁଥିଲା। ସେହି ବାଟ ଦେଇ ପ୍ରତିଦିନ ଶତାଧିକ ଲୋକ ଯିବାଆସିବା କରୁଥିବା, ଗଛ ତଳେ ଚା' ଦୋକାନ ଠାରୁ ଆରମ୍ଭ କରି ବିଭିନ୍ନ ଛୋଟ ବଡ଼ ଦୋକାନ ରହିଥିବାରୁ ବିପଦପୂର୍ଣ୍ଣ ସ୍ଥିତି ସୃଷ୍ଟି ହେଉଥିଲା। ଏ ସମ୍ପର୍କରେ ସ୍ଥାନୀୟ ଜନ ସାଧାରଣ ବିଭିନ୍ନ ସମୟରେ ଜିଲ୍ଲାପାଳଙ୍କ ଅଭଯୋଗ ଶୁଣାଣିରେ ପ୍ରଶାସନର ଦୃଷ୍ଟିକୁ ଆଣିଥିଲେ। ଜନ ସାଧାରଣଙ୍କ ଅଭିଯୋଗକୁ ନେଇ ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗ ଅଧିକାରୀ ଧବଳେଶ୍ୱର ପ୍ରଧାନ, ବନ ବିଭାଗ ଅଧିକାରୀ ମାଧବ ବେହେରା ଏବଂ ବିଦ୍ୟୁତ ବିଭାଗର ଅଧିକାରୀ କର୍ମଚାରୀଙ୍କ ମିଳିତ ସହଯୋଗରେ ଆଜି ସକାଳେ ଶୁଷ୍କ ବୃକ୍ଷକୁ ହଟାଇ ଦିଆଯାଇଛି।



## ମାଟିଘର ଭାଙ୍ଗି ଦୁଇ ଗୁରୁତର

ବ୍ରାହ୍ମଣୀଗାଁ,୨୯।୮ (ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ସରାମୁଳି ପଞ୍ଚାୟତ ରେ ମାଟିଘର ଭୁଶୁଡି ପଡିବାରୁ ଦୁଇ ଜଣ ଗୁରୁତର ଆହତ ହୋଇଥିଲେ। ଗ୍ରାମର ରବୀନ୍ଦ୍ର ବିନ୍ଧାଣି ଶ୍ରମିକ ଭାବେ କାମ କରୁଥିବା ବେଳେ ୧୨ ବର୍ଷ ହେବ ଏକ ମାଟି ଘରେ ସ୍ତ୍ରୀ, ମା ତଥା ପୁଅ ଓ ଝିଅଙ୍କ ସହିତ ମୋଟ ୫ ପ୍ରାଣୀ ରହୁଥିଲେ। ହେଲେ ଆଜି ପୁଅଝିଅ ଘର ଭିତରେ କାମରେ ବ୍ୟସ୍ତ ଥିବା ବେଳେ ଅପରାହ୍ନ ୪ ସମୟରେ ହଠାତ୍ ମାଟି ଘର ଭୁଶୁଡି ପଡିଥିଲା। ଏଥିରେ ସେମାନେ ମାଟି ତଳେ ପୋତି ହୋଇଯାଇଥିଲେ। ଗ୍ରାମବାସୀ ସେମାନଙ୍କୁ ମାଟି ତଳୁ ଉଦ୍ଧାର କରିଥିଲେ। କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବାଲିଗୁଡ଼ା ଡାକ୍ତରଖାନାକୁ ନିଆଯାଇଛି। ଗୁରୁତର ଆହତ ହୋଇଥିବା ଦୁଇ ଜଣଙ୍କ ନାମ ତେଜସ୍ୱୀନୀ ବିନ୍ଧାଣୀ (୫) ଓ ରାଜ ବିନ୍ଧାଣୀ (୩) ବୋଲି ଜଣାପଡିଛି।



### ସୂଚନା ଫଳକ ତଥ୍ୟକୁ ନେଇ ସନ୍ଦେହ

# ଓଡ଼ିଆ ବଦଳରେ ଲାଗିଛି ଇଂରାଜୀ ଫଳକ

ପାରଳାଖେମୁଣ୍ଡି,୨୯ ।୮ (ସମିସ): ଗଜପତି ଜିଲ୍ଲା କାଶୀନଗର ସଦରମହକୁମାସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସରରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସୂଚନାଫଳକର ଅପବ୍ୟବହାର ହୋଇଥିବା ଦେଖିବାକୁ ମିଳିଛି । ସରକାରଙ୍କ ପ୍ରତ୍ୟେକ ବିକାଶ ମୂଳକ କାର୍ଯ୍ୟର ନିର୍ମାଣସ୍ଥଳରେ ସୂଚନା ଫଳକ ଲଗାଯିବା ବାଧ୍ୟତାମୂଳକ। ହେଲେ ଏହାର ଖୋଲାଖୋଲି ଭାବେ ଉଲ୍ଲଂଘନ ହୋଇଥିବା ଦେଖିବାକୁ ମିଳୁଛି । କେତେକ ସ୍ଥାନରେ ଯେଉଁଠାରେ କାମ ହେଉଛି ତାର ସୂଚନା ଫଳକ ଅନ୍ୟତ୍ର ଲଗାଯାଉଛି। ସେହି ସୂଚନା ଫଳକଗୁଡ଼ିକ ମଧ୍ୟରୁ ଅଧିକାଂଶ ନିର୍ମାଣ ଶେଷ ପରେ ଲାଗାଯାଉଛି। ସେହିପରି ଅନେକ ସ୍ଥାନରେ ଆଦୌ ସୂଚନା ଫଳକ ଲାଗିନଥିବା ଦୃଶ୍ୟମାନ ହେଉଛି। ଏହା ବ୍ୟତୀତ ସୂଚନା ଫଳକ ଓଡ଼ିଆରେ ଲେଖାଯିବା ପରିବର୍ତ୍ତେ ଇଂରାଜୀରେ ଲେଖାଯାଉଛି। କାଶୀନଗର ପଞ୍ଚାୟତ ସମିତି ଜନପ୍ରତିନିଧି ଗୃହ ୪.୮.୨୦୨୪ ତାରିଖରେ ଉଦଘାଟିତ ହୋଇଥିବା ବେଳେ ଓଡ଼ିଆରେ ଲିଖିତ ସୂଚନା ଫଳକରେ ଉଲ୍ଲେଖ କରାଯାଇଛି । ଠିକ୍ ତାର ପାଶ୍ୱର୍ରେ ସୂଚନା ଫଳକରେ ଉକ୍ତ କୋଠାର ମରାମତି କାର୍ଯ୍ୟ ୧୩.୨.୨୦୨୪ ତାରିଖରେ ଆରମ୍ଭ ହୋଇ ୧୨.୮.୨୦୨୪ ତାରିଖରେ ଶେଷ ହୋଇଛି ଏବଂ ସେଥିନିମନ୍ତେ ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଉଲ୍ଲେଖ ରହିଛି । ଗୋଟିଏ ସ୍ଥାନରେ ଲଗାଯାଇଥିବା ଦୁଇଟି ସୂଚନା ଫଳକକୁ ଦେଖିଲେ ସନ୍ଦେହ ହେଉଛି ପ୍ରଥମେ ନିର୍ମାଣ ହେଲା ନା ମରାମତି ହେଲା ଉକ୍ତ କୋଠା। ଉକ୍ତ କୋଠାପଞ୍ଚାୟତ ସମିତିର ଜନପ୍ରତିନିଧୀଙ୍କ ସକାଶେ ନିର୍ମାଣ ହୋଇଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି। କିନ୍ତୁ ସେଠାରେ ପଞ୍ଚାୟତ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଚାଲିଛି। ସୂଚନା ଫଳକର ସମ୍ପୂର୍ଣ୍ଣ ବିବରଣୀରୁ ଜଣାପଡୁନାହିଁ ଏହା ନୂତନ ଭାବେ ନିର୍ମିତ କୋଠା ନା ପୁରାତନ




କୋଠାକୁ ମରାମତି କରାଯାଇଛି। ଏହାବ୍ୟତୀତ ସୂଚନା ଫଳକ ଓଡ଼ିଆରେ ଲେଖିବା ବଦଳରେ ଇଂରାଜୀରେ ଲେଖାଯାଇଛି। ଏହି କୋଠା ସମ୍ମୁଖରେ ଓଡ଼ିଆରେ ଲିଖିତ ସୂଚନା ଫଳକରେ ମିଶନଶକ୍ତି କାଫେ ସକାଶେ ଗୋଦାମ ଘରର ନବୀକରଣ କରାଯାଇଛି। ସେଥି ନିମନ୍ତେ ୨୦୨୩-୨୪ ଆର୍ଥିକ ବର୍ଷରେ ୧୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ଉଲ୍ଲେଖ ରହିଛି। ୧୦ଲକ୍ଷ ଟଙ୍କା ବ୍ୟୟରେ ଗୋଦାମ ଘରର ନବୀକରଣ କରାଯାଇଛି ତାହା ସନ୍ଦେହ ସୃଷ୍ଟି କରୁଛି। କାରଣ ସେହି ଅର୍ଥରେ ଏକ ନୂତନ ଓ ଉନ୍ନତମାନର କୋଠା ନିର୍ମାଣ ହୋଇବ। ସେହିପରି ବ୍ଲକ କାର୍ଯ୍ୟାଳୟର ନିର୍ଜନ ସ୍ଥାନରେ ଇଂରାଜୀରେ ଏକ ସୂଚନା ଫଳକ ରହିଛି। ସେଥିରେ କାର୍ଯ୍ୟାଳୟ କୋଠାର ମରାମତି ସକାଶେ ୨୦୨୨-୨୩ ଆର୍ଥିକ ବର୍ଷରେ ୧୦ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବାର ଦର୍ଶାଯାଇଛି। ସେଠାରେ ମଧ୍ୟ ଯେଉଁ ମାନର କାର୍ଯ୍ୟ ହୋଇଛି ସମ୍ପୂର୍ଣ୍ଣ ସନ୍ଦେହ ଘେରରେ। କାଶୀନଗର ବ୍ଲକ ପରିସରରେ ନବୀକରଣ ନିମନ୍ତେ ଯେଉଁ ସୂଚନା ଫଳକ ଲଗାଯାଇଛି ଓ ସେଥିରେ ଯେଉଁ ବ୍ୟୟ ଅଟକଳ ଗୁଡିକ ଉଲ୍ଲେଖ ରହିଛି ତାହାକୁ ଦେଖିଲେ ଦୁର୍ନୀତୀ ଗନ୍ଧ ସ୍ପଷ୍ଟ ଭାବେ ବାରି ହେଉଛି । ଆର୍ଥିକ ବର୍ଷ ୨୦୨୨-୨୩ ଓ ୨୦୨୩-୨୪ରେ ହୋଇଥିବା ମରାମତି କାମର ସୂଚନାଫଳକ ନିକଟ ଅତୀତରେ ତରବରିଆ ଭାବେ ଲେଖା ହୋଇଥିବା ଅଭିଯୋଗ ହୋଇଛ।

## ସାପ କାମୁଡ଼ାରେ ବାଳକ ମୃତ

ଗୋଷାଣି,୨୯ ।୮ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ୍ ଗୁରାଣ୍ଡି ଥାନା ଡାଟିପେଟି ଗ୍ରାମରେ ସାପ କାମୁଡ଼ାରେ ଜଣେ ୧୨ ବର୍ଷୀୟ ବାଳକର ମୃତ୍ୟୁ ଘଟିଛି। ମୃତ ବାଳକର ନାମ ଡି.ତରୁଣକୁମାର। ସେ ତାଙ୍କ ଜେଜେମାଙ୍କ ଘରେ ରହୁଥିଲେ। ତରୁଣ ରାତିରେ ଶୋଇଥିବା ବେଳେ ବିଷାକ୍ତ ସାପ ତାଙ୍କ କାନକୁ କାମୁଡି ଦେଇଥିଲା। ଚିତ୍କାର କରିବା ପରେ ଘର ଲୋକ ଓ ଗ୍ରାମବାସୀ ତୁରନ୍ତ ଗୁରାଣ୍ଡିସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ଉନ୍ନତି ପରଲକ୍ଷିତ ନ ହେବାରୁ ଆନ୍ଧ୍ରର ଶ୍ରୀକାକୁଲମକୁ ଜରୁରୀ ଚିକିତ୍ସା ନିମନ୍ତେ ନିଆଯାଇଥିବା ସମୟରେ ତରୁଣର ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ଗୁରାଣ୍ଡି ପୁଲିସ୍ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତରୁଣଙ୍କ ଜେଜେମାଙ୍କ ପରିବାର ଅତି ଗରିବ ହୋଇଥିବାରୁ ମୃତଦେହ ସତ୍କାର ପାଇଁ ଅର୍ଥ ନଥିବା ଯୋଗୁଁ ଗ୍ରାମବାସୀ ଏକାଠି ହୋଇ ଚାନ୍ଦା କରି ଅନ୍ତେଷ୍ଟିକ୍ରିୟା କରିଥିବା ଜଣାପଡିଛି । ତରୁଣର ବାପାଙ୍କ ବହୁ ପୂର୍ବରୁ ମୃତ୍ୟୁ ହୋଇଯାଇଛି। ମା ଅନ୍ୟତ୍ର ଚାଲିଯାଇଥିବା ବେଳେ ଲାଳନପାଳନ ଜେଜେମା କରିଆସୁଥିଲେ।

## କୁଇକ୍ଲାମ୍ବୁ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଫିରିଙ୍ଗିଆ,୨୯।୮ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଖେଳପଡିଆରେ ଦଶମ କୁଇକ୍ଲାମ୍ବୁ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବରେ ପୂର୍ବତନ ବିଧାୟକ ଅଙ୍ଗଦ କହଁର, ସମ୍ମାନିତ ଅତିଥି ଭାବରେ ଜନଜାତି ବାଣିଜ୍ୟ ଉନ୍ନୟନ ମହାସଂଘ ଉପାଧକ୍ଷ ପବିତ୍ର କୁମାର କହଁର, କୁଇ ସାଂସ୍କୃତିକ ଜିଲ୍ଲା ସଂଯୋଜକ ବୀରେନ୍ଦ୍ର କହଁର, କୁଇ ସମାଜ ସମ୍ପାଦକ ଅବନୀ କହଁର, କୁଇ ଭାଷା ସାହିତ୍ୟ ସୁରକ୍ଷା ସମିତି ଦୀନବନ୍ଧୁ କହଁର, ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁର, ପଲାବୃଡ଼ି ସରପଞ୍ଚ ଲୀଳାବତୀ କହଁର, ମହାସଂଘ ବନବାସୀ କଲ୍ୟାଣ ଆଶ୍ରମ ସମ୍ପାଦକ ସୁଧୀର କହଁର, କୁଇକ୍ଲାମ୍ବୁ ବିକାଶ ପରିଷଦ କନ୍ଧମାଳ ତଥା ଜନଜାତି ସୁରକ୍ଷା ମଞ୍ଚ ରାଜ୍ୟ ସଂଯୋଜକ ଜମ୍ବେଶ୍ୱର କହଁର, ଜିଲ୍ଲା କ୍ଲାମ୍ବୁ ସଂଯୋଜକ ବାଳକୃଷ୍ଣ ପ୍ରଧାନ, ଫିରିଙ୍ଗିଆ କ୍ରୀଡ଼ା ପରିଚାଳନା ସମ୍ପାଦକ ବ୍ରଜବନ୍ଧୁ କହଁର, ଜିଲ୍ଲା କ୍ରୀଡ଼ା କୁଇ କ୍ଲାମ୍ବୁ



ସଂଯୋଜକ ଗୋଲକ ବିହାରୀ କହଁର, ଫିରିଙ୍ଗିଆ କ୍ରୀଡ଼ା ପରିଚାଳନା ସଭାପତି ଦିବ୍ୟ ରଞ୍ଜନ କହଁର ଓ ଉପସଭାପତି ଶଙ୍କର କହଁର ଯୋଗ ଦେଇଥିଲେ। କୁଇକ୍ଲାମ୍ବୁ ଫୁଟବଲ ପ୍ରତିଯୋଗିତା ଦଶ ବର୍ଷ ଧରି ଆୟୋଜିତ ହୋଇ ଆସୁଛି। ଚଳିତ ବର୍ଷ ଦଶମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଛି। ବଂଶ ଓ ପରମ୍ପରାକୁ ବଜାୟ ରଖିବା ସହ ଭାଇଚାରା ସୃଷ୍ଟି କରିବା ଏଭଳି ପ୍ରତିଯୋଗିତା ଆୟୋଜନର ମୁଖ୍ୟ ଲକ୍ଷ୍ୟ ରହିଛି। ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ଆସନ୍ତା ସେପ୍ଟେମ୍ବର ୨୦ ତାରିଖରେ ସମାପ୍ତ ହେବା ଜିଲ୍ଲା କୁଇକ୍ଲାମ୍ବୁ କ୍ରୀଡ଼ା ପ୍ରମୁଖ କାମେଶ୍ୱର କହଁର ସୂଚନା ଦେଇଛନ୍ତି। କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ, ମାଜାଗାଡା, କ୍ରାନ୍ତି ବାଲି, କ.ନୂଆଗାଁ, ବଇରାକୁମ୍ପା, ବେଲଘର, ଗୁଟିଙ୍ଗିଆ, ସିମନବାଡି, କୁଏରମାଣ୍ଡୁ, ନେଡିପାଙ୍ଗା, ରେବୀଙ୍ଗିଆ, ସେନ୍ଦ୍ରିଗାଁ ୧୨ ଖେଳ ପଡିଆରେ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବାବେଳେ ୧୩୦ ଦଳ ଅଂଶଗ୍ରହଣ କରିବେ। ପ୍ରଥମ ମ୍ୟାଚ ଫିରିଙ୍ଗିଆ ଖେଳ ପଡିଆରେ ପିରାକ୍ଲାମ୍ବୁ ସହ ସାଇତାକ୍ଲାମ୍ବୁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ମ୍ୟାଚ ଅମିମାଂଶିତ ରହିଥିଲା। ଫଳରେ ପେନାଲଟି ସଟ ଜରିଆରେ ୫-୩ ଗୋଲରେ ପିରାକ୍ଲାମ୍ବୁକୁ ହରାଇ ସାଇତାକ୍ଲାମ୍ବୁ ବିଜୟୀ ହୋଇଥିଲା। ସରୋଜ ଚର୍ଚ୍ଚି ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଜଗନ ବିଶୋଇ, ରୋହିତ ନାୟକ, ତଣ୍ଡେଶ୍ୱର କହଁର କ୍ରୀଡ଼ା ପରିଚାଳନା କରିଥିଲେ।

## ସ୍ୱାୟତ୍ତଶାସନ ଦିବସରେ କ୍ରିକେଟ୍ ମ୍ୟାଚ



ଜି.ଉଦୟଗିରି,୨୯।୮ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହିକ୍ରମରେ ସ୍ଥାନୀୟ ହବାକ୍ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଶୁକ୍ରବାର ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ ମିଡିଆ ଇଲେଭେନ ଏବଂ ଏନଏସି ଇଲେଭେନ ମଧ୍ୟରେ ୧୨ ଓଭର ବିଶିଷ୍ଟ କ୍ରିକେଟ ମ୍ୟାଚ ହୋଇଥିଲା। ଉକ୍ତ ମ୍ୟାଚରେ ଏନଏସି ଇଲେଭେନ ବିଜୟ ଲାଭ କରି ଫାଇନାଲ୍ ମ୍ୟାଚ୍ ଖେଳିବା ନିମନ୍ତେ ଉନ୍ନୀତ ହୋଇଥିଲା। ସେହିପରି ପୁଲିସ ଏକାଦଶ ଓ ବ୍ଲକ ଏକାଦଶ ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା ଉକ୍ତ ମ୍ୟାଚରେ ପୁଲିସ ଏକାଦ କୁ ହରାଇ ବ୍ଲକ ଏକାଦଶ ବିଜୟ ଲାଭ କରିଥିଲା। ଶନିବାର ଦୁଇ ବିଜେତା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହେବ।

## ରାୟଗଡ଼ରେ ଜାତୀୟ କ୍ରୀଡ଼ା ଦିବସ

ରାୟଗଡ଼,୨୯।୮ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମା ସ୍ଥିତ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଇଛି। ସକାଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ଶୋଭାଯାତ୍ରା ବାହାରି ରାୟଗଡ଼ ସହର ପରିକ୍ରମା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ କୁମାର ସାହୁକାର ସବୁଜ ପତାକା ଦେଖାଇ ଆରମ୍ଭ କରିଥିଲେ। ବିଦ୍ୟାଳୟ ପରିସରରେ ଥିବା ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଜୟନ୍ତୀ ତଥା ଜାତୀୟ କ୍ରୀଡ଼ା ଦିବସରେ ପୁଷ୍ପମାଲ୍ୟ ଅର୍ପଣ ସହ ଦେଶର କ୍ରୀଡ଼ା କ୍ଷେତ୍ରରେ ଅବଦାନ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ବିରଞ୍ଚି ନାରାୟଣ ରଥ, ଏମ୍.ଭି ଆପନ୍ନା ଓ ଜିତେନ୍ଦ୍ର କୁମାର ଦଳାଇଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସନ୍ତୋଷ ପ୍ରସାଦ ପଣ୍ଡା ପରିଚାଳନା କରିଥିଲେ।

## କାମରେ ଲାଗୁନି ମଡେଲ ଯାତ୍ରୀ ବିଶ୍ରାମାଗାର

ଫିରିଙ୍ଗିଆ,୨୯।୮ (ସମିସ): ସରକାରଙ୍କ ତରଫରୁ ରାସ୍ତା ନିର୍ମାଣ ସହ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଜନସାଧାରଣ ଙ୍କୁ ସୁବିଧା ଯୋଗାଇ ଦିଆଯାଉଛି। କିନ୍ତୁ ବିଭାଗୀୟ ଅଧିକାରୀ ହେଉ କି ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ କେଉଁଠି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହି ଖତ ଖାଉଛି ତ କେଉଁଠି ନିର୍ମାଣ ସରିଥିଲେ ମଧ ନିମ୍ନମାନର କାମ ଯୋଗୁଁ ଅଳ୍ପ ଦିନ ଭିତରେ କାମରେ ନ ଲାଗି ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି ।ଏମିତି ଏକ ମଡେଲ ଯାତ୍ରୀ ବିଶ୍ରାମାଗାର ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ ଲଦା ଗାଁ ରାଜ୍ୟ ରାଜପଥ କଡରେ ରହିଛି। ଏହି ଗ୍ରାମ ଅନ୍ତର୍ଗତ ଅଞ୍ଚଳବାସୀ ବସରେ ଯିବାଆସିବା ବେଳେ ରାସ୍ତା କଡରେ ବସ ଅପେକ୍ଷା କରିବାରେ ଅସୁବିଧା ହେଉଥିବାରୁ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ସହ ବ୍ଲକ କାର୍ଯ୍ୟାଳୟକୁ ଲିଖିତ ଭାବରେ ଜଣାଇଥିଲେ। ଅସୁବିଧା ଦୃଷ୍ଟିରୁ ପ୍ରଶାସନ ତରଫରୁ ଲଦା ନିକଟରେ ଲକ୍ଷାଧିକ ଟଙ୍କାର ମଡେଲ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଆରମ୍ଭ ହୋଇଥିଲା। ହେଲେ ଦଶ ବର୍ଷରୁ ଅଧିକ ସମୟ ବିତିଥିଲେ ମଧ୍ୟ ଲକ୍ଷାଧିକ ଟଙ୍କାର ନିର୍ମାଣାଧୀନ ଯାତ୍ରୀ ବିଶ୍ରାମଗାର ଠିକାଦାରଙ୍କ ଲାଭଖୋର ମନୋଭାବ ଯୋଗୁଁ ସମ୍ପୂର୍ଣ୍ଣ ହୋଇପାରୁନି। ଦୀର୍ଘ ବର୍ଷ ପରେ ବି ଆଜି ପର୍ଯ୍ୟନ୍ତ କାନ୍ଥ ଉଠି ଛାତ ପଡ଼ିଥିଲେ ମଧ୍ୟ ତଳ ଚଟାଣ କିମ୍ବା କାନ୍ଥରେ ପ୍ଲାଷ୍ଟର ନ ହୋଇ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ଏଥିପ୍ରତି ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ କିମ୍ବା ଠିକାଦାର ଗୁରୁତ୍ୱ ଦେଉନଥିବା ବେଳେ ଏବେ ତାହା ଭୂତକୋଠି ପାଲଟିଥିବା



**● ଅଧା କାମ କରି ଛାଡ଼ିଦେଲେ ଠିକାଦାର**
**● ମାଡ଼ି ଗଲାଣି ଲଟାବୁଦା**

ବେଳେ ଛାତ ଉପର ଓ ଭିତରେ ଲଟା ବୁଦାରେ ଭର୍ତ୍ତି ହୋଇଯାଇଛି। ଆଜି ପର୍ଯ୍ୟନ୍ତ କାମରେ ଲାଗି ପାରିନାହିଁ କି କାର୍ଯ୍ୟ ମଧ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ । ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଦୁଇ ବଖରା ସହ ପିଣ୍ଡା କରି ଅତି ସୁନ୍ଦର ଭାବରେ ନିର୍ମାଣ କରା ଯାଇଥିଲା। ହେଲେ ଜାଣିଶୁଣି ଠିକାଦାର ଅଧାପନ୍ତରିଆ ଭାବରେ ନିର୍ମାଣ କରି ବିଲ କରି ସବୁ ଚଳୁ କରିଥିବା ଅଭିଯୋଗ ହୋଇଛି। ଠିକାଦାର ଆବଶ୍ୟକ ନିର୍ଦ୍ଦିଷ୍ଟ ଜାଗାରେ ବିଶ୍ରାମାଗାର ନିର୍ମାଣ ନ କରି ନିଜ ଇଚ୍ଛାରେ ଆବଶ୍ୟକ ନଥିବା ସ୍ଥାନରେ ନିର୍ମାଣ କରିଥିବାରୁ ଅଞ୍ଚଳବାସୀ ଲଦା ଡେଲରପଡ଼ା ଛକରେ ଏକ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବାକୁ ଦାବି କରିଛନ୍ତି।

# ସାରଙ୍ଗଗଡ଼ ସିଏଚ୍‌ସିର ନୂତନ କୋଠା ନିର୍ମାଣ ଦାବି

ଜି.ଉଦୟଗିରି,୨୯।୮ (ସମିସ)

କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ସାରଙ୍ଗଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଉପରେ ଅଞ୍ଚଳର ୧୨ ପଞ୍ଚାୟତର ୫୦ ହଜାରରୁ ଅଧିକ ଲୋକ ନିର୍ଭରଶୀଳ। ବର୍ତ୍ତମାନ ଏହି ସ୍ୱାସ୍ଥ୍ୟକେନ୍ଦ୍ରର କୋଠା ସଂପୂର୍ଣ୍ଣ ବିପଦସଙ୍କୁଳ ଅବସ୍ଥାରେ ରହିଛି ଏବଂ ଏହାର ଛାତ ଭୁଶୁଡ଼ି ପଡ଼ିବା ଆଶଙ୍କା ସୃଷ୍ଟି କରୁଛି। ଅଳ୍ପ ବର୍ଷା ହେଲେ ରୋଗୀଙ୍କ କକ୍ଷରେ ଆଣ୍ଠୁଏ ପାଣି ଭରିଯାଉଛି। ଛାତ ଦବି ଯାଇଥିବା କାରଣରୁ ସମସ୍ତ ଝରକା ବଙ୍କା ହୋଇଯାଇଛି ଓ ଘର ଭୁଶୁଡ଼ି ପଡିବାର ସ୍ପଷ୍ଟ ସଙ୍କେତ ମିଳୁଛି। ବିପଦସଂକୁଳ ଅବସ୍ଥା ରେଥିଲେ ମଧ କେହି ଅଧିକାରୀ ଦୃଷ୍ଟି ହେଉନାହାନ୍ତି। ଯାହାଫଳରେ ବାଧ ହୋଇ ରୋଗୀ ସେବା ବିପଦପୂର୍ଣ୍ଣ ଗୃହରେ ଚାଲିଛି। ଘରର ସବୁ କାନ୍ଥ ଗୁଡ଼ିକ ଫାଟି ପାଣି ଝରୁଛି। ହଠାତ ଛାତ ଭୁଶୁଡ଼ି ଚିକିତ୍ସିତ ହେଉଥିବା ରୋଗୀଙ୍କ ଜୀବନ ଚାଲିଯିବାର ଯଥେଷ୍ଟ ସମ୍ଭାବନା ରହିଛି। ନିହାତି ଆବଶ୍ୟକ ନହେଲେ ଅଞ୍ଚଳବାସୀ ଭୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ



ଆସୁନଥିବା କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦିନକୁ ୨୦୦ରୁ ଅଧିକ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥାଆନ୍ତି। ବର୍ଷେରୁ ଅଧିକ ହେବ ଏଠାକୁ ଏକ ରଶ୍ମି ରଞ୍ଜନ ମେସିନ ନୂତନ ଭାବେ ଅଣାଯାଇଛି କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ କରାଯାଇ ନାହିଁ। ଏଭଳି ଅବସ୍ଥାରେ ଡାକ୍ତର ଓ କର୍ମଚାରୀ ମଧ୍ୟ ନିଜ ଜୀବନକୁ ବାଜି ଲଗାଇ ରୋଗୀ ସେବା କରୁଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରର ବହୁ ସରଞ୍ଜାମ ଓ ଯନ୍ତ୍ରପାତି ବ୍ୟବହାର ନ ହେବା ଫଳରେ ବର୍ଷା ପାଣିରେ ଭିଜି ଖତ ଖାଉଛି। ତାହା ଆଉ ଏକ ବୃହତ ସମସ୍ୟା ହୋଇଉଠିଛି।

ଅଞ୍ଚଳବାସୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ନୂତନ କୋଠା ନିର୍ମାଣ କରିବା ନିମନ୍ତେ ଆଜି ଯୁବ

### ବାଲିଗୁଡ଼ା ବିଧାୟକଙ୍କୁ ଦାବିପତ୍ର

ସମାଜସେବୀ ଆମନ୍ ଚନ୍ଦ୍ର ନାୟକ, ସସ୍ମିତା ମଲିକ, ଯୁବ ସାମ୍ବାଦିକ ସାମନ୍ତ ଶେଖର ନାୟକ, ବିଜୟ ଚନ୍ଦ୍ର ପ୍ରଧାନ, ଯୁବରାଜ ମଲିକ, ସନ୍ତୋଷ ପ୍ରଧାନ ଓ ବିବେକାନନ୍ଦ ପ୍ରଧାନ, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଏହି ବିଷୟରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସରକାରଙ୍କୁ ଅବଗତ କରାଇବା ସହିତ ଆଗାମୀ ବିଧାନସଭାରେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ଆଲୋଚନା କରିବେ ଓ ତୁରନ୍ତ ପଦକ୍ଷେପ ନେବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

## ଦକ୍ଷିଣ ଓଡ଼ିଶା ଜଳସାଥୀ ସଙ୍ଘ ବୈଠକ



ଜି.ଉଦୟଗିରି,୨୯।୮ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସମନ୍ୱିତ ସଭାଗୃହରେ ଓଡ଼ୀଶା ଜଳସାଥୀ ମହାସଂଘ ଆହ୍ୱାନ କ୍ରମେ ଦକ୍ଷିଣ ଓଡ଼ିଶା ଶାଖା ତରଫରୁ ବୈଠକ ଅନୁଷ୍ଠିତ ହୋଇଥିଲା। ଦକ୍ଷିଣ ଓଡ଼ିଶା ସଭାପତି ସୁପ୍ରଭା ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଓଡ଼ିଶା ଜଳସାଥୀ ମହାସଂଘ ସଭାପତି ବିଳାସିନୀ ପ୍ରଧାନ, ଦକ୍ଷିଣ ଓଡ଼ିଶା ସମ୍ପାଦକ ସଂଗୀତା ନାୟକ, ମହାସଂଘ ଉପଦେଷ୍ଟା ସୁଦର୍ଶନ ଛୋଟରାୟ, ଏନଏସି ଅଧକ୍ଷା ଦେବସ୍ମିତା ଶତପଥୀ, ନିରଞ୍ଜନ ପଟ୍ଟନାୟକ, ସ୍ୱାତୀ ସମ୍ପାଦକ ହରିଶଙ୍କର ରାଉତ, କନ୍ଧମାଳ ସଂଘ ସମ୍ପାଦକ ନୂତନ ଡାକୁଆ, ଶିବାନୀ ନାୟକ, ସୁସ୍ମିତା ମିଶ୍ର ଓ ବାଲିଗୁଡା ଜଳସାଥୀ ପ୍ରତିଭା ନାୟକ ମଞ୍ଚାସୀନ ଥିଲେ। ବୈଠକରେ ଜଳସାଥୀଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ସମ୍ପର୍କ ରେ ଆଲୋଚନା ହୋଇଥିଲା।

